# ସନ୍ଥ କବୀର ଓ ଜଗନ୍ନାଥ ପୁରୀ

● ଶ୍ରୀ ସିଦ୍ଧେଶ୍ୱର ମହାପାତ୍ର

ସନ୍ଥ କବୀର ଏକ ବିସ୍ମୟ । ଭାରତୀୟ ଆଧ୍ୟାତ୍ମିକ ଜଗତର ଏକ କ୍ରାନ୍ତି । ଏକ ଦୀପସ୍ତମ୍ଭ । ଚିରନ୍ତନର ପ୍ରତୀକ ସେ, ତେଣୁ ଆଜି ବି ପ୍ରାସଙ୍ଗିକ । 'ସମ୍ବତ୍ ପନ୍ଦ୍ରଶୌ ଉନହତ୍ତର ଆବୈ, ସଦ୍‌ଗୁରୁ ଚଲୈ ଉଡ଼ୀଶା ଯାବୈ ।' ସମ୍ବତ୍ ୧୫୬୯ ଅର୍ଥାତ୍ ୧୫୧୨ ଖ୍ରୀଷ୍ଟାବ୍ଦରେ ସେ ଆସିଥିଲେ ଓଡ଼ିଶା, ଜଗନ୍ନାଥ ପୁରୀ । ଛାଡ଼ି ଯାଇଥିଲେ ତାଙ୍କର ସ୍ୱାକ୍ଷର ମହୋଦଧି ବେଳାରେ, ସ୍ୱର୍ଗଦ୍ୱାରର ଫେରନ୍ତା ଲୋକଙ୍କ ପଥରେ । ସେଇଟି ହେଉଛି କବୀର ଚୌରା ମଠ । ଯେଉଁ କବୀର କହିଥିଲେ 'ନା ବ୍ରତ ନା ମହରମ୍, ନା ପୂଜା ନା ନମାଜ, ନା ତୀର୍ଥ ନା ହଜ (ନାହଜ୍ ଜାଉଁ ନା ତୀରଥ ପୂଜା)' - ମୋର ସବୁ ଭ୍ରମ ଦୂର ହୋଇଯାଇଛି । ମନ ଲାଗିଛି ଗୋଟିଏ ନିରଞ୍ଜନରେ । ସିଏ କାହିଁକି ଏ ତୀର୍ଥକୁ ଆସିଥିଲେ ? ଜଣେ ନିର୍ଗୁଣ ଭକ୍ତିର ସାଧକ କେଉଁ ଆକର୍ଷଣରେ ଆସିଥିଲେ ଏଠିକି ? କଥାଟି ଏକ ବିରୋଧାଭାସ ଭଳି ମନେ ହୁଏ । ଯିଏ ଆଜନ୍ମ କାଶୀ କ୍ଷେତ୍ରବାସୀ ଥିଲେ, ଅଥଚ ସେଠାରେ ପ୍ରାଣତ୍ୟାଗ କଲେ ମୁକ୍ତି ନିଶ୍ଚିତ - ଏହି ପ୍ରତିଷ୍ଠିତ ବିଶ୍ୱାସକୁ ଗ୍ରହଣ ନ କରି ମୃତ୍ୟୁ ପୂର୍ବରୁ କାଶୀ ଛାଡ଼ି ମଗ୍‌ହର ଚାଲିଯାଇଥିଲେ (ତାଙ୍କ କପାଳରେ କ୍ଷେତ୍ରଯୋଗ ନ ଥିଲା କି କ'ଣ) । ଏଭଳି ଏକ ସୃଷ୍ଟିଛଡ଼ା ଲୋକ ପୁରୀ ଆସିଲେ ବା କାହିଁକି ? ଲୋକେ ତ କୁହନ୍ତି ଜଗନ୍ନାଥଙ୍କ ଡ଼ୋର ନ ଲାଗିଲେ କେହି ଏ କ୍ଷେତ୍ରକୁ ଆସିପାରେନି କି ତାଙ୍କ ଦର୍ଶନ ପାଏନି । ଡ଼ୋର ଲାଗିଥିବ ବୋଧେ ।

କବୀର ଚୌରା ମଠ ସ୍ୱର୍ଗଦ୍ୱାର ଅଞ୍ଚଳର ଆଧୁନିକ ଚାକଚକ୍ୟପୂର୍ଣ୍ଣ ବିପଣୀର ଆଖିଝଲସା ପରିବେଶରେ ଅବସ୍ଥିତ । ମଠଟି ଶ୍ରୀହୀନ ଓ କରୁଣ । ଏଠାରେ ଅଛି କବୀରଙ୍କ ଗାଦି । ଏହି ଗାଦିଘରେ ରହିଛି ଗୋଟିଏ ଆଶାବାଡ଼ି ଓ ହଳେ କଠଉ । ଗାଦିଘର ବାହାରପଟ କାନ୍ଥରେ ଲେଖାଅଛି - 'କବୀର ସାହବ ୟହିଂ ପର କୁବଡ଼ୀ ଗାଡ଼ କର ସମୁଦ୍ର ହଟାୟେ ।' ଏଠାରେ ଆଶାବାଡ଼ି ପୋତି କୁଆଡ଼େ କବୀର ଉଚ୍ଛୃଙ୍ଖଳ ସମୁଦ୍ରକୁ ଜବତ କରି ତା' ସ୍ଥାନକୁ ତଡ଼ି ଦେଇଥିଲେ । ମଠ ପରିସରରେ କେତେଜଣ ପୂର୍ବତନ ମଠାଧକ୍ଷଙ୍କ ସମାଧି ରହିଛି । ଦର୍ଶନାର୍ଥୀ ଭକ୍ତମାନେ ଏଠାରେ ଟଙ୍କ ତୋରାଣି ସେବା କରନ୍ତି ଓ ଝାଡୁରେ ଆଶୀର୍ବାଦ ଗ୍ରହଣ କରନ୍ତି । ଏହି ମଠର ଜଣେ ପୂର୍ବତନ ମହନ୍ତ ନଟବର ଦାସ ତାଙ୍କର 'ଶ୍ରୀ ସତ୍ୟକବୀର ଦର୍ଶନାମୃତ'ରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା କବୀରଙ୍କଠାରୁ ଟଙ୍କ ତୋରାଣି ପାଇ ଝାଡୁରେ ଆଶୀର୍ବାଦ ଗ୍ରହଣ କରିବା କଥା ଉଲ୍ଲେଖ କରିଛନ୍ତି, ଯାହା ବେଶ ଆମୋଦଦାୟକ । ସେଥିରେ କବୀରଙ୍କୁ ଅବତାରୀ ପୁରୁଷ ଭାବେ ଚିତ୍ରଣ କରାଯାଇଛି । 'ସେହି ପୁରୁଷ ଆଜ୍ଞା ବହି,ଥରକୁ ଥର ଆସେ ମହୀ ।' ସତ୍ୟରେ ତାଙ୍କ ନାମ ସତ୍ୟନାମ, ତ୍ରେତାରେ ମୁନୀନ୍ଦ୍ର, ଦ୍ୱାପରରେ କରୁଣାମୟ ଓ କଳିଯୁଗରେ ତାଙ୍କ ନାମ କବୀର । ଦାର୍ଢ୍ୟତାଭକ୍ତିର କାହାଣୀଟି ଏହିଭଳି - ଗଙ୍ଗାନଦୀ ତଟ ହିଙ୍ଗୁଳରେ ଝୋଲିଆ କବୀରଙ୍କ ଘର । 'ଦାରା ତନୟ ତା'ର ନାହିଁ' (ମାତ୍ର ତାଙ୍କର ଦାରା, ତନୟ ଓ ତନୟା ଥିଲେ ବୋଲି କୁହାଯାଏ) । ମାଆ ଓ ପୁଅ ଘୋର ଦାରିଦ୍ର୍ୟ ଭିତରେ ଜୀଉଁଥାନ୍ତି । ଲୁଗା ବୁଣି ବିକିଲେ ଘରେ ଚୁଲି ଜଳେ । ଦିନେ ଭଗବାନ ବିପ୍ର ରୂପରେ ଆସି ତାଙ୍କୁ ପରୀକ୍ଷା କଲେ । କବୀର ନିଜ ଛିନ୍ନବସ୍ତ୍ରରୁ ବ୍ରାହ୍ମଣଙ୍କୁ ଅର୍ଦ୍ଧେକ ବସ୍ତ୍ର ଦାନ ଦେଲେ । ବ୍ରାହ୍ମଣ ଅପର ଅର୍ଦ୍ଧେକ ଦକ୍ଷିଣା ଭାବରେ ନେବା ପାଇଁ ମାଗିବାରୁ ସେ ତାହାକୁ ଦେଇ ଶୂନ୍ୟ ହସ୍ତରେ ଘରକୁ ବାହୁଡ଼ିଲେ । ଇତି ମଧ୍ୟରେ ବିଷ୍ଣୁ ଏକ ଗୋପାଳ ବେଶରେ ନାନା ଦ୍ରବ୍ୟ ସମ୍ଭାର ପହଞ୍ଚାଇ ତାଙ୍କ ଘର ପୂର୍ଣ୍ଣ କରିଦେଲେ । କହିଲେ - କବୀର ଏ ସମସ୍ତ ପଠାଇଛନ୍ତି । କବୀର ଜାଣିଲେ - 'ଆନର ନୋହେ ଏ ଚରିତ, ନିଶ୍ଚେ ସେ ପ୍ରଭୁ ଜଗନ୍ନାଥ ।'

ସମୁଦ୍ରକୁ ହଟାଇବା ଭଳି ଅଲୌକିକ ଲୀଳା ପ୍ରଦର୍ଶନ ଓ ଦାନଶୀଳତାର କାହାଣୀ ତା'ସ୍ଥାନରେ ଥାଉ । ଆସନ୍ତୁ ଖୋଜିବା ଅସଲ କବୀରଙ୍କୁ ।

ସନ୍ଥ କିଏ ? ତୁଳସୀ ଦାସ କୁହନ୍ତି - 'ଜୋ ଜଗ ଜଙ୍ଗମ ତୀରଥ ରାଜୁ' । ସନ୍ଥ ଚଳମାନ ତୀର୍ଥରାଜ ପ୍ରୟାଗ । ଫୁଲର ଧର୍ମ ସୁଗନ୍ଧ ବିତରଣ । ଛିଣ୍ଡେଇଥିବା ହାତକୁ ଓ ଅଞ୍ଜଳିରେ ଧରିଥିବା ହାତକୁ ଫୁଲ ସମାନ ଭାବରେ ସୁଗନ୍ଧିତ କରେ । ଶତ୍ରୁ ଓ ମିତ୍ର, ସଜ୍ଜନ ଓ ଦୁର୍ଜନ ଉଭୟଙ୍କର ହିତସାଧନ କରନ୍ତି ସନ୍ଥ । ତୁଳସୀ ଦାସ ଉଭୟଙ୍କ ନିକଟରେ ନିଜର ପ୍ରଣତି ବାଢ଼ିଛନ୍ତି । 'ବନ୍ଦଉଁ ସନ୍ଥ ଅସଜ୍ଜନ ଚରନା ।'

ସନ୍ଥ ଅନନ୍ୟସାଧାରଣ, ବିଲକ୍ଷଣ ପୁରୁଷ । ଯାହାଙ୍କ

ପାଦ ଆଣ୍ଠୁଯାଏଁ ଧୂଳି ସରସର ସତ, ମଥା ଛୁଉଁଥାଏ ମେଘ.... ଆକାଶ । ସତ୍ ପୁରୁଷ ସିଏ, ମାଟିକି କରନ୍ତି ତୀର୍ଥ । ମଣିଷକୁ ଭଲପାଆନ୍ତି ବୋଲି ତ ତାଙ୍କର ଚିନ୍ତା ଅଧିକ । କେମିତି ତାକୁ ଛନ୍ଦି ପକାଉଥିବା ନାନା ଅଦିବ୍ୟତ୍ୱ ମୁକ୍ତ କରିବେ ଓ ଦିବ୍ୟ ଜୀବନର ପଥକୁ ତୋଳିନେବେ ।

ଆଚାର୍ଯ୍ୟ ରଜନୀଶ କୁହନ୍ତି – 'ସବୁ ସନ୍ଥ ସୁନ୍ଦର ଓ ଅଦ୍ଭୁତ, କିନ୍ତୁ କବୀର ଅନନ୍ୟ । ତାଙ୍କ ରାସ୍ତା ସଳଖ । ସେ ରାସ୍ତାରେ ପିଲାଟିଏ ମଧ ଖୁବ୍ ଖୁସିରେ ଚାଲିଯାଇପାରିବ ।'(୧)

କବୀରଙ୍କର ଏକ ସ୍ପଷ୍ଟ ଜୀବନ କାହାଣୀ ମିଳେ ନାହିଁ । ତେବେ ଜନଶ୍ରୁତି ଆଧାରିତ ତାଙ୍କ ଜୀବନ ଚରିତର ଏକ ରେଖାଚିତ୍ର ଦିଆଗଲା । 'ଫାନୁସ୍ ବନ୍‌କେ ଜିସ୍‌କି ହିଫାଜତ୍ ହଓ୍ୱା କରେ, ଓ୍ୱହ ଶମା କ୍ୟା ବୁଝେ ଜିସେ ରୋଷନ୍ ଖୁଦା କରେ ।' ଯେଉଁ ବତୀକୁ ପବନ ଝାଡ଼ ଭଳି ରକ୍ଷା କରେ, ତା'କୁ ଲିଭେଇବ କିଏ ? ଯେଉଁ ବତୀକୁ ଈଶ୍ୱର ପ୍ରଦୀପିତ କରନ୍ତି, ତା'କୁ ଲିଭେଇବ କିଏ ? କବୀର ସେହିଭଳି ଏକ ଆଲୋକ ବର୍ତ୍ତିକା । ସେ ଦିନ କାଶୀର ଏକ ପୁଷ୍କରିଣୀ ଲହର ତଳାବ ନିକଟରୁ ମୁସଲମାନ ଜୁଲାହା (ତନ୍ତୀ) ସ୍ୱାମୀ ସ୍ତ୍ରୀ ନିମା ଓ ନିରୁ ଏକ ପରିତ୍ୟକ୍ତ ଶିଶୁକୁ ପାଇ କୋଳକୁ ଉଠାଇ ନେଇଥିଲେ । ସେହି ଅଜ୍ଞାତ କୁଳଶୀଳ ଶିଶୁଟି ପାଇଁ କିନ୍ତୁ ଅପେକ୍ଷା କରିଥିଲା ଜନସାଧାରଣଙ୍କ ହୃଦୟ ସିଂହାସନ । ଏହି ପ୍ରସଙ୍ଗରେ ମନେ ପଡ଼ନ୍ତି ଭୀମଭୋଇ । ୧୮୫୫ ମସିହା ହେବ । ବଲାଙ୍ଗୀର ବୀରମହାରାଜ ପୁର ଥାନାର ଜଟାଶିଙ୍ଗା ଗାଁ ମୁଣ୍ଡରେ ସେହିଭଳି ଏକ ପରିତ୍ୟକ୍ତ ଶିଶୁକୁ ଉଠାଇ ନେଇଥିଲେ କନ୍ଧ ଦମ୍ପତି ଦନାର ଓ ଗୁରୁବାରୀ । ଲୋକେ ଯେ ଅଣହେଳାରେ ରତ୍ନକୁ ଫୋପାଡ଼ି ଦିଅନ୍ତି, ଭାବିଲେ ଆଚମ୍ୱିତ ଲାଗେ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କବୀରଙ୍କ ଜୀବନ କାହାଣୀ କେବଳ ଦ୍ୱନ୍ଦରେ ପୂର୍ଣ୍ଣ । ଶିଶୁଟି କିଏ, ସେ ନେଇ ଏକ ଜନଶ୍ରୁତି ରହିଛି । କାଶୀର ଜଣେ ବ୍ରାହ୍ମଣ ତାଙ୍କ ବିଧବା କନ୍ୟାକୁ ନେଇ ଆଚାର୍ଯ୍ୟ ରାମାନନ୍ଦଙ୍କ ଆଶ୍ରମକୁ ଯାଇଥିଲେ । ବିଧବା କନ୍ୟାଟି ରାମାନନ୍ଦଙ୍କ ପାଦତଳେ ପ୍ରଣିପାତ କରିବାରୁ ସେ ଆଶୀର୍ବାଦ କରିଦେଲେ, ପୁତ୍ରବତୀ ଭବ ।' ସେହି ଆଶୀର୍ବାଦର ଫଳ ସ୍ୱରୂପ ବିଧବାର ପୁତ୍ରଟିଏ ହେଲା । ଲୋକାପବାଦ ଭୟରେ ଶିଶୁପୁତ୍ରଟିକୁ ଲହର ତଳାବ କୂଳରେ ପକାଇ ଦିଆଗଲା । ଆଉ ଏକ ମତ ହେଉଛି କବୀର, ନିମା ଓ ନିରୁଙ୍କ ପାଳିତ ସନ୍ତାନ ନୁହଁନ୍ତି, ଜନ୍ମିତ ସନ୍ତାନ । କୁହାଯାଏ, ତାଙ୍କ ପତ୍ନୀ (ଆଉ ଏକ ମତରେ ଶିଷ୍ୟା) ଓ ପୁତ୍ରକନ୍ୟାଙ୍କ ନାମ ଯଥାକ୍ରମେ ଲୋଇ, କମାଲ ଓ କମାଲୀ । ସେ କୌଳିକ ବୃତ୍ତି ଦ୍ୱାରା ଜୀବିକା ନିର୍ବାହ କରୁଥିଲେ । ସ୍ୱାଧୀନଚେତା କବୀର ଭାରତବର୍ଷର ସୁପ୍ରତିଷ୍ଠିତ ଗୁରୁବାଦରେ ବିଶ୍ୱାସୀ ଥିଲେ । ତାଙ୍କ ଭାଷାରେ – 'ଗୁରୁ ଗୋବିନ୍ଦ ଦୋଉ ଖଡ଼େ, କାକେ ଲାଗୌଁ ପାୟ; ବଲିହାରୀ ଗୁରୁ ଆପନେ, ଗୋବିନ୍ଦ ଦିୟା ବତାୟ ।'

ଆଗରେ ଗୁରୁ ଓ ଗୋବିନ୍ଦ ଉଭୟ ଦଣ୍ଡାୟମାନ । କାହାକୁ ପ୍ରଥମେ ପ୍ରଣିପାତ କରିବ ? ନିଶ୍ଚୟ ଗୁରୁଙ୍କୁ, କାରଣ ସିଏ ହିଁ ଗୋବିନ୍ଦଙ୍କୁ ଚିହ୍ନାଇ ଦିଅନ୍ତି । ଗୋବିନ୍ଦଙ୍କୁ ପାଇବା ବାଟ ବତାଇ ଦିଅନ୍ତି । ସେ ସମୟ ଆଚାର୍ଯ୍ୟ ରାମାନନ୍ଦ (ରାମାନୁଜ ପରମ୍ପରାର ଚତୁର୍ଥ ଶିଷ୍ୟ)ଙ୍କ ସମୟ । ତାଙ୍କ ମହିମା ଲୋକ ମୁଖରୁ ଶୁଣି କବୀରଙ୍କ ଅନ୍ତରରେ ତାହାଙ୍କୁ ଗୁରୁ ଭାବରେ ପାଇବା ପାଇଁ ଇଚ୍ଛା ହୋଇଥିବ । ତାଙ୍କର ହୃଦ୍‌ବୋଧ ହୋଇଥିବ, ନଚେତ୍ ସହଜରେ ସେ କାହାକୁ ଗୁରୁ ଭାବରେ ଗ୍ରହଣ କରିବା ଲୋକ ନୁହନ୍ତି । ତାଙ୍କର ମନ୍ତ୍ର ଗ୍ରହଣ ସମ୍ପର୍କରେ ଏକ ରୋଚକ କାହାଣୀ ରହିଛି । ରାମାନନ୍ଦ ପ୍ରତ୍ୟହ ବ୍ରାହ୍ମ ମୁହୂର୍ତ୍ତରେ ପଞ୍ଚଗଙ୍ଗା ଘାଟରେ ସ୍ନାନ କରୁଥିଲେ । ଦିନେ କୁଆଡ଼େ ସ୍ୱାମୀଜୀ ସ୍ନାନ କରି ଫେରିବା ବାଟରେ କବୀର ଶୋଇ ରହିଲେ । ଗୁରୁଙ୍କ ପାଦ ପଡ଼ିଗଲା । ମୁହଁରୁ ବାହାରି ପଡ଼ିଲା – ରାମ, ରାମ । କବୀର ଉଠି ପଡ଼ି ତାଙ୍କ ପାଦ ଧରି ପକାଇଲେ ଓ କହିଲେ – ଆପଣ ରାମମନ୍ତ୍ର ଦେଇ ଆଜିଠାରୁ ମୋର ଗୁରୁ ହେଲେ (ଅବଶ୍ୟ ରାମାନନ୍ଦ ଭକ୍ତି ସାଧନାର ମାର୍ଗ ଜାତି, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଉନ୍ମୁକ୍ତ କରି ଦେଇଥିଲେ) । 'କାଶୀ ମେଁ ହମ୍ ପ୍ରଗଟ ଭୟେ ହେଁ ରାମାନନ୍ଦ ଚେତାଏ' (ମୁସଲ୍‌ମାନ କବୀରପନ୍ଥୀମାନେ କବୀର ସୁଫି ଫକୀର ଶେଖ୍ ତକୀଙ୍କ ଶିଷ୍ୟ ଥିଲେ ବୋଲି ମତ ପୋଷଣ କରନ୍ତି) । ଶେଷ ପର୍ଯ୍ୟନ୍ତ ସେ ରାମନାମ ଜପୁଥିଲେ । ଅବଶ୍ୟ ସମୟକ୍ରମେ ତାଙ୍କ ରାମ ଗୁରୁଙ୍କ ରାମଙ୍କଠାରୁ ଭିନ୍ନ ହୋଇଯାଇଥିବେ, ଅର୍ଥାତ୍ ସେ ଆଉ ଦଶରଥନନ୍ଦନ ସାକାର, ସଗୁଣ ରାମ ନ ହୋଇ ନିରାକାର, ନିର୍ଗୁଣ ରାମ ହୋଇ ଯାଇଥିବେ । 'ନିରଗୁଣ ରାମ, ନିରଗୁଣ ଜପହୁରେ ଭାଇ ।' ନିର୍ଗୁଣ ବ୍ରହ୍ମଙ୍କ ପାଇଁ ସେ ରାମ, ରହିମ, ଆଲ୍ଲା, ସତ୍ୟ, ନାମ, ଗୋବିନ୍ଦ, ସାହାବ, ହରି ଆଦି ଅନେକ ଶବ୍ଦ ପ୍ରୟୋଗ କରିଛନ୍ତି ।

କାଶୀ ମୋକ୍ଷଦାପୁରୀ ଭାବରେ ବିଖ୍ୟାତ । ମୁମୁକ୍ଷୁମାନେ ସେଠାରେ ଶେଷ ନିଃଶ୍ୱାସ ତ୍ୟାଗର ଅଭିଳାଷ ପୋଷଣ କରନ୍ତି । ଅଥଚ ସାରା ଜୀବନ କାଶୀରେ କଟାଇ ମୃତ୍ୟୁ ପୂର୍ବରୁ କବୀର ମଗହର ଚାଲିଯିବା ତାଙ୍କର ଦଇବ ଛଡ଼ା ବୁଦ୍ଧି ନୁହେଁ ତ ? ତାଙ୍କର ଯୁକ୍ତି ହେଉଛି – ଯଦି କାଶୀରେ ପ୍ରାଣତ୍ୟାଗ ମୁକ୍ତିଲାଭ ପାଇଁ ଯଥେଷ୍ଟ, ତେବେ ରାମକୃପା ବା

ବିଭୁପ୍ରେମରେ କି ପ୍ରୟୋଜନ ? 'ଜୌ କାଶୀ ତନ ତଜୈ କବୀରା ତୋ ରାମହିଁ କହାଁ ନିହୋରାରେ ।' ତାଙ୍କର ଜନ୍ମ ନେଇ ଦ୍ୱନ୍ଦ୍ୱ, ମୃତ୍ୟୁ ନେଇ ବି ଦ୍ୱନ୍ଦ୍ୱ । କବୀରଙ୍କ ମୃତ୍ୟୁ ପରେ ବିବାଦ ଉପୁଜିଲା ତାଙ୍କର ଅନ୍ତିମ ସଂସ୍କାରକୁ ନେଇ । ଚିତାଗ୍ନି ଦିଆଯିବ ନା ସମାଧି ? ଅନୁଗାମୀମାନେ ତାଙ୍କର ଏତେ ପାଖରେ ରହିଲେ, ଏତେ ସାନ୍ନିଧ ଲାଭ କଲେ, ଅଥଚ ତାଙ୍କୁ ଠିକ୍ ଭାବରେ ଚିହ୍ନି ପାରିଲେ ନାହିଁ । କବୀରଙ୍କ ଶବ ଉପରୁ ଚାଦର ଉଠାଇ ଦିଆଗଲା ପରେ କୁଆଡ଼େ ଦେଖାଗଲା ଯେ, କିଛି ଫୁଲ ମାତ୍ର ରହିଛି । ଫୁଲ ଭାଗ ବଣ୍ଟା ହେଲା । ଅଧେ ହୁଏତ ଜଳିଥିବ, ଆର ଅଧକ ସମାଧି ଦିଆଯାଇଥିବ ।

'ସନ୍ଥ ସମ୍ପ୍ରଦାୟ ବିଶ୍ୱ ସମ୍ପ୍ରଦାୟ ଓ ତାଙ୍କର ଧର୍ମ ବିଶ୍ୱ ଧର୍ମ ।'[୨] 'ଯଦି ଜଣେ ସନ୍ଥଙ୍କୁ କୌଣସି ଧର୍ମର ସନ୍ଥ ବୋଲି କୁହାଯାଉଥାଏ, ତେବେ ବୁଝିବାକୁ ହେବ ଯେ, ସେ ସନ୍ଥ ହେବାକୁ ଆହୁରି ବାକି ଅଛି । ପ୍ରକୃତ ସନ୍ଥ ସମଗ୍ର ମାନବ ଜାତିର, ସବୁକାଳର ।'[୩]

କବୀରଙ୍କର ହୁଏତ ଶାସ୍ତ୍ରଜ୍ଞାନ ନଥିଲା, ଥିଲା ଆତ୍ମଜ୍ଞାନ । ସେହି ଆତ୍ମଜ୍ଞାନ ତାଙ୍କୁ ଧର୍ମଭୀରୁ ନୁହେଁ, ଧର୍ମବୀର କରି ଗଢ଼ିଥିଲା । ହିନ୍ଦୁ ବା ଇସଲାମ ଧର୍ମ ହେଉ, ଯାହା ତାଙ୍କୁ ଅବାଞ୍ଛିତ ଓ ଅସୁନ୍ଦର ଲାଗିଛି, ତା' ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି କବୀର । ଦେଖି ଚାହିଁ, ପାଟି ଚିପିଚିପି ନୁହେଁ, ସ୍ପଷ୍ଟ ସ୍ୱରରେ କହିଛନ୍ତି – ସନ୍ଥ ଚାରୁବାକ୍ ହେବେ କେମିତି ? ମଧୁର ବଚନ କହି ଜନମନ ତୋଷିଲେ ଶୃଙ୍ଖଳ ଛିଡ଼ିବ କେମିତି ? କଙ୍କାଳ ଜାଗିବେ କେମିତି ? କାନ୍ଧରେ ନୂଆ ମଣିଷ ଗଢ଼ିବାର ଦାୟିତ୍ୱ । ସରୁ ଆଉଁସାରେ ନୁହେଁ, ଚିମୁଟି କରି ଜଡ଼ ମଣିଷକୁ ଜଗାଇବାକୁ ହେବ । ସ୍ଥାଣୁ ସମାଜର ସ୍ତିମିତ ସ୍ନାୟୁରେ ଭରିବାକୁ ହେବ ନୂଆ ପ୍ରାଣ ସ୍ପନ୍ଦନ ।

କବୀରଙ୍କୁ ଦେଖନ୍ତୁ । ସେ କହୁଛନ୍ତି – 'ହମ୍ ଘର ଜାରା ଆପନା ଲିୟା ସୁରାଡ଼ା ସାଥ, ଅବ୍ ଘର ଜାରୈଂ ତା ସୁକା ଯୋ ଚଲେ ହମାରେ ସାଥ୍ ।' ମୁଁ ମୋ ଘର (ଯେତେ ଯାହା ମଣିଷକୁ ବାନ୍ଧି ରଖେ, ତା'ର ଏକ ପ୍ରତୀକ ହୋଇପାରେ) ଜାଳି ଦେଇ ହାତରେ ନିଆଁଅଟା ଧରି ଠିଆ ହୋଇଛି । ଯିଏ ମୋ ସାଙ୍ଗରେ ଯିବ, ତା' ଘର ବି ଜାଳି ଦେବି । ମୁହଁରେ ସାମାନ୍ୟ ବେଖାତିର ଭଙ୍ଗୀ । ଓଠରେ ମୃଦୁ ଦୁଷ୍ଟ ହସ । ନିଆଁଲଗା ଲୋକଟିକୁ ଦେଖିଲେ ତ ?

କାଳେ କାଳେ ଦୁନିଆ ବାହାରଟାକୁ ନେଇ ମାତିଛି । ଭେକରେ ମାତିଛି, ମୁଖାରେ ମାତିଛି । ପାଟମକୁଟା, ଚିତାଚଇତନ, ମାଳିମାତ୍ରାରେ ମାତିଛି । 'କରନ୍ତି ଅଙ୍ଗେ ଅନେକ ଛାପ, କେହି ନଜାଣେ ଭିତର ପାପ' ।[୪] ମନରେ ଗେରୁ ଲାଗିନାହିଁ, ବସ୍ତ୍ର ଯତ୍ନରେ ଗେରୁଆ ହେଉଛି । ଗେରୁ ପିନ୍ଧୁଛି, ସିଏ ପୁଣି ଝଲମଲ ଗେରୁ । ଭିତରଟା ଅରମା ଓ ଅନ୍ଧାର, ବାହାରଟାକୁ ଉଦ୍ୟାନ କରାଯାଉଛି । କବୀରଙ୍କ ଆଖିରେ ଏ ଅସାରତା ଧରାପଡ଼ିଛି । ସେ କୁହନ୍ତି – 'ମନ ନ ରଙ୍ଗାୟେ ରଙ୍ଗାନ ଜୋଗୀ କପରା, ଆସନ ମାର ମନ୍ଦିରମେଁ ବୈଠେ ନାମ ଛାଡ଼ି ପୂଜନ ଲଗୈ ପଥରା ।' ପୂଜା କରୁଛ, ଭାବଘର ଶୂନ । ଦିଅଁଙ୍କୁ ନୁହଁ ପୂଜୁଛ ପଥର । ମାତିଛ ବୟସ୍କଙ୍କ କଣ୍ଢେଇ ଖେଳରେ । ଆଗ ଭିତରଟାକୁ ସୁନ୍ଦର କରିବାକୁ ହେବ । ମନକୁ ସୁନ୍ଦର କରିବାକୁ ହେବ । ଏତେ ସୁନ୍ଦର ଯେମିତି ନବୀନା କିଶୋରୀ । 'ମନକୁ ସ୍ତିରୀ ବେଶ କରି, ହୋଇବୁ ନବୀନା କିଶୋରୀ ।'[୫]

ଭକ୍ତ ଓ ଭକ୍ତ ଭେକଧାରୀଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ । ଭକ୍ତ ପହଞ୍ଚେ ତା' ଲକ୍ଷ୍ୟସ୍ଥଳରେ, ଭକ୍ତ ଭେକଧାରୀ ଅଟକିଯାଏ ବାଟରେ । ଧନ, ମାନ, ପାଦପୂଜା, ଫୁଲଚନ୍ଦନରେ । 'ଭକ୍ତି ଭେଶ୍ ବହୁ ଅନ୍ତରା, ଜୈସେ ଧରିନୀ ଆକାଶ; ଭକ୍ତ ଲୀନ ଗୁରୁ ଚରନ ମେଁ, ଭେଶ୍ ଜଗତ୍ କୀ ଆଶ୍ ।' ନିଜର ମୁଣ୍ଡ (ଅହଂ)ଟି କାଢ଼ି, ଭୂଇଁରେ ରଖି ତା ଉପରେ ଯିଏ ପାଦ ରଖିପାରିବ ବା ଚାଲିଯାଇପାରିବ, ସିଏ ହିଁ ଏକା ପ୍ରେମ କରିବା ପାଇଁ ଯୋଗ୍ୟ । 'ସୀସ୍ ଉତାରେ ଭୂଇଁ ଧରୈ ତା ପର ରଖୈ ପାଓଁ; ଦାସ କବୀର ୟୋଂ କହୈ ଐସା ହୋୟ ତୋ ଆଓଁ ।' ଯେଉଁ ପର୍ଯ୍ୟନ୍ତ 'ମୁଁ' ଅଛି ସେ ପର୍ଯ୍ୟନ୍ତ ହରି ନାହାନ୍ତି । ମୁଁ ମଲେ ହରି ମିଳନ୍ତି । 'ଜବ୍ ମୈଂ ଥା ତବ ହରି ନହୀଂ' ଅବ୍ ହରି ହୈ ମୈଂ ନହିଂ ।'

ଆଜି ବଡ଼ ପାଟିଆ ଯନ୍ତ୍ର ନଲାଗିଲେ ଜମୁନାହିଁ ପୂଜାପାଠ, ଭଜନ କୀର୍ତ୍ତନ । ଏତେ ପାଟି, ଏତେ କୋଳାହଳ କାହିଁକି ? ଈଶ୍ୱରଙ୍କର କର୍ଣ୍ଣଦୋଷ ଅଛି କି ? ପିମ୍ପୁଡ଼ି ଭଳି ଛୋଟିଆ ଜୀବ, ତା' ପାଦରେ ଯଦି ନୂପୁର ବନ୍ଧାଯାଏ (ତାହାର ଆକାର ଯାହା ହୋଇଥିବ), ସେ ନୂପୁରର ନିକ୍ୱଣ ଯିଏ ଶୁଣିପାରନ୍ତି, ତାଙ୍କ ପାଇଁ ଏତେ ଶବ୍ଦ କାହିଁକି ? ନୀରବ ଭାଷାରେ ଯାହାଙ୍କ ସହ ଆଳାପ କରି ହୁଏ, ତାଙ୍କ ପାଇଁ ଶବ୍ଦ ? 'ମସ୍‌ଜିଦ୍ କେ ଭିତର ମୁଲ୍ଲା ପୁକାରେ, କ୍ୟା ସାହବ୍ ତେରା ବହରା ହୈ', ଚିଉଁଟୀ କେ ପଗ୍‌ପର ନେଓ୍ୱର ବାଜୈ, ସୋ ଭି ସାହବ୍ ସୁନତା ହୈ' । ପିମ୍ପୁଡ଼ି ପାଦର ନୂପୁରର ନିକ୍ୱଣ କଥାଟି ବେଶ୍ ଅଭିନବ ଓ କାବ୍ୟିକ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, କବୀର ହିନ୍ଦୀ ସାହିତ୍ୟର ନିର୍ଗୁଣ ଭକ୍ତିଧାରାର ପ୍ରମୁଖ କବି । ଜୀବନରେ କାଗଜ କଲମ ଛୁଇଁ ନ ଥିବା (ମାସି କାଗଦ୍ ଛୁୟୌ ନାହିଂ, କଲମ ଗହ୍ୟୌ ନହିଂ ହାଥ୍) ଏହି ନିରକ୍ଷର ପ୍ରଜ୍ଞାପୁରୁଷ କବି ହେବା ପାଇଁ କାବ୍ୟ ରଚନା କରି ନ ଥିଲେ । ନିଜର

ବକ୍ତବ୍ୟ ପାଇଁ କବିତା ଥିଲା ମାଧ୍ୟମ । ସିଏ ସିନା କେବେ କାଗଜ କଲମ ଛୁଇଁ ନ ଥିଲେ, ତାଙ୍କ ପାଇଁ ବହୁ କାଳି କାଗଜ ସରୁଛି ।

ପୋଥି ପଢ଼ି ପଢ଼ି ଜୀବନ ବିତାଇ ଦେଉଥିବା ଓ କଥା କଥାକେ ଶାସ୍ତ୍ରରୁ ଉଦ୍ଧୃତିମାନ ଦେଇ ଲୋକଙ୍କୁ ଆଣ୍ଠେଇ ପକାଉଥିବା ପଣ୍ଡିତଙ୍କ ଉଦ୍ଦେଶ୍ୟରେ ସେ କୁହନ୍ତି - ଭାଇ ! ତୁମର ଆମର କେମିତି ପଟିବ କହିଲ ? ତୁମେ ବହିର କଥା କହୁଛ, ମୁଁ ଆଖିରେ ଦେଖିଥିବା ବା ଅନୁଭବରେ ଆଣିଥିବା କଥା କହୁଛି । ମୁଁ ସଳଖ ରାସ୍ତା କଥା କହୁଛି, ତୁମେ ଖାଲି ଅଡୁଆତଡୁଆ ଗୋଳମାଳିଆ କଥା କହୁଛ । 'ମେରା ତେରା ମନୁଆ କୈସେ ଇକ୍ ହୋଇରେ, ମୈଂ କହତା ଅଂଖିନ କୀ ଦେଖୀ', ତୁ କହତା କାଗଦ୍ କୀ ଲେଖୀ, ମୈଂ କହତା ସୁରଝା ୱନହାରୀ, ତୁ ରାଖ୍ୟୋ ଅରୁଝାଇରେ ।' ସିଏ ହିଁ ପଣ୍ଡିତ, ଯିଏ ଜଗତକୁ ଭଲପାଏ । ଅଢ଼େଇ ଅକ୍ଷର ବିଶିଷ୍ଟ ଶବ୍ଦ 'ପ୍ରେମ'ଟିକୁ ଯିଏ ପଢ଼ିଛି, ସିଏ ହିଁ ଏକା ପଣ୍ଡିତ । 'ପୋଥି ପଢ଼ ପଢ଼ ଜଗମୁଆ ପଣ୍ଡିତ ହୁଆ ନ କୋୟ, ଢ଼ାଇ ଅଛର ପ୍ରେମ୍‌କା ପଢ଼େ ସୋ ପଣ୍ଡିତ ହୋୟ ।' ପଣ୍ଡିତ ତା' ମସ୍ତିଷ୍କରୁ ପଣ୍ଡିତ ହୁଏ, କିନ୍ତୁ ଭକ୍ତ ହୁଏ ତା' ହୃଦୟରୁ ।

କବୀର ସ୍ୱାନୁଭବକୁ ମହତ୍ତ୍ୱ ଦିଅନ୍ତି । ଆଉ କାହା କଡ଼ା ପାଣିରେ ତାଙ୍କର ରୁଚି ନାହିଁ । ନିଜେ ପାଣି କାଢ଼ି ପିଇବେ । ଧାର କରା କଥା କହିବେ ନାହିଁ । ନିଜେ ଅଙ୍ଗେ ନିଭେଇବା କଥା କହିବେ । 'କାଗଦ୍‌କୀ ଲେଖୀ' ନୁହେଁ, 'ଅଂଖୀନ୍ କୀ ଦେଖୀ' କହିବେ । ତାଙ୍କ ସମ୍ପର୍କରେ ନାଭାଜୀ 'ଭକ୍ତମାଳ'ରେ କୁହନ୍ତି - 'ଆରୂଢ଼ ଦଶା ହୈ, ଜଗତ୍ ପରମୁଖ ଦେଖୀ ନାହିଁ ନା ଭନି ।' ସିଏ ଅନ୍ୟର କଥାକୁ ଦୋହରାଇ ନାହାନ୍ତି । ନିଜେ ଯେଉଁ ସ୍ଥିତିରେ ପହଞ୍ଚିଛନ୍ତି, ସେଠାରୁ ଯାହା ଦିଶିଛି, ତାହା ହିଁ କହିଛନ୍ତି । ତେବେ ଅନେକ ସମୟରେ ଲାଗେ, ସାଧାରଣ ମଣିଷର କଥା, ମୂକ ମୁହଁର କଥା କହିଛନ୍ତି କବୀର । ତା'ର ଅନ୍ତରର କଥା, ଅସନ୍ତୋଷ, କ୍ଷୋଭ ଓ ବିଦ୍ରୋହକୁ ଶବ୍ଦରୂପ ଦେଇଛନ୍ତି । ତାଙ୍କ ସ୍ୱର ଭିତରେ ଶୁଭିଛି ନିଖିଳର ନିଃଶ୍ୱାସ । ହୃଦୟର ସହ କହିଥିବାରୁ ତାଙ୍କର ଅନେକ ଦୋହା ମନକୁ ଛୁଏଁ ଓ ଉଦ୍ଧୃତିଯୋଗ୍ୟ ମନେହୁଏ । ସେଗୁଡ଼ିକ ଭିତରେ ଗୋଟାଏ ଚମକ ଥାଏ । ଯେମିତି 'ଗଲି ଗଲି ଗୋରସ ଫିରୈ ମଦିରା ବୈଠ ବିକାଏ ।' କ୍ଷୀର ବୁଲୁଛି ଦୁଆର ଦୁଆର । ମଦ ଗୋଟିଏ ଜାଗାରେ ଚକାମଣ୍ଡି ପକାଇ ବସି ନିଶରେ ହାତ ବୁଲାଉଛି । ବୁଲୁଥିବା ଚକି ଦେଖି ତାଙ୍କୁ ଲାଗିଛି, ଜନ୍ମ ମରଣର, ଦିନରାତିର (ଗୋଟିଏ ଶବ୍ଦରେ ସମୟର) ଦୁଇପଟ ଚକିରେ ସବୁ କିଛି ପେଷି ହୋଇଯାଉଛି । 'ଚଲତୀ ଚକ୍‌କୀ ଦେଖିକେ ଦିୟା କବୀରା ରୋୟ, ଦୁଇପଟ ଭିତର ଆଇକେ ସାବିତ୍ ଗୟା ନ କୋୟ ।' ମୁଣ୍ଡରେ ଯମ ଦେଇଥିବା ମଲ୍ଲୀ ଫୁଲ ଲଗେଇଛି, ତଥାପି ମଣିଷର ନିଦ ଭାଙ୍ଗୁ ନାହିଁ ।

ସନ୍ଥକବିମାନେ ପ୍ରାୟତଃ ରହସ୍ୟବାଦୀ । ଜୀବ ଓ ପରମ ମଧ୍ୟରେ ସଂସରିକ ସମ୍ବନ୍ଧର ସ୍ଥୂଳ ପ୍ରତୀକ ଆରୋପ ମାଧ୍ୟମରେ ଉର୍ଦ୍ଧ୍ୱକୁ ଉଠି ମିଳନାନନ୍ଦ ସନ୍ଧାନ ହେଉଛି ରହସ୍ୟବାଦ । ପରମାତ୍ମାଙ୍କୁ ପିତା, ମାତା, ପୁତ୍ର, ସଖା ଆଦି ରୂପରେ ଦେଖିବା ହେଉଛି ରହସ୍ୟବାଦ । ତାହା ମାଧୁର୍ଯ୍ୟଭାବଯୁକ୍ତ ହେଲେ ପରମାତ୍ମା ହୋଇ ପଡ଼ନ୍ତି ପ୍ରିୟତମ । ତାଙ୍କ ପାଇଁ ଭକ୍ତ ହୁଏ ବିରହିଣୀ । କବୀରଙ୍କ ମଧ୍ୟରେ ରାମଙ୍କ ବିରହର ଆକୁଳତା ଦେଖନ୍ତୁ । 'ବୈ ଦିନ କବ୍ ଆବୈଂଗେ ଭାଇ, ଜା କାରନି ହମ୍ ଦେହ ଧରୀ ହୈ ମିଲିବୌ ଅଙ୍ଗ୍ ଲଗାଇ ।' ଆଖିରେ ଏବେ ରାମ ପ୍ରେମର ରଙ୍ଗିମା । କଜ୍ଜ୍ୱଳ ପାଇଁ ଜାଗା କାହିଁ ? 'କବୀର ରେଖ ସିନ୍ଦୂର କୀ କାଜଲ ଦିୟା ନ ଜାଇ, ନୈନୁ ରମୟା ରମି ରହା ଦୂଜ କହାଁ ସମାଇ ।' ପୁଣି ଈଶ୍ୱର କେତେବେଳେ ତାଙ୍କ ପାଇଁ ପିତା (ବାପା ରାମ ରାୟା ଅବହୁଁ ସରନ ତିହାରୀ) ତ କେତେବେଳେ ମାତା (ହରି ଜନନୀ ମୈଂ ବାଲିକ୍ ତେରା) ।

କବୀର ଆସିଥିଲେ ପୁରୀ । ନିର୍ଗୁଣ ଭକ୍ତିର ସାଧକ ଆସିଥିଲେ ସଗୁଣ ଦାରୁବ୍ରହ୍ମଙ୍କ ପୀଠକୁ । ଭଲରେ ଥାଆନ୍ତୁ ଠାକୁରେ (ଠାକୁର ଭଲେ ବିରାଜୋଜୀ) ବୋଲି କୁଶଳ କାମନା କରିଥିଲେ । କବୀରଙ୍କର ଜଣେ ଶିଷ୍ୟ ମଲୁକ ଦାସ ଆସି ପୁରୀରେ ଅବସ୍ଥାନ କରିଥିଲେ ।[୬] 'ଗୁରୁ ବସୈ ବନାରସୀ ସିଷ୍ ସମନ୍ଦର୍ ତୀର୍' । ପୁରୀର ସମୁଦ୍ର ତଟରେ କବୀରଚୌରା ନିକଟରେ ମଲୁକଦାସ ଚୌରା ବା ବିଦୁର ମଠ ନାମରେ ଏକ ରାମାନନ୍ଦୀ ସମ୍ପ୍ରଦାୟର ମଠ ରହିଛି । ନେମାଳରେ କବୀରଙ୍କର ଏକ ଗାଦି ରହିଛି । ଗଣନାଥ ଦାସ ଅନୁମାନ କରନ୍ତି ଯେ, ଅଚ୍ୟୁତାନନ୍ଦଙ୍କ ନିମନ୍ତ୍ରଣ କ୍ରମେ ସେ ହୁଏତ ନେମାଳ ଯାଇଥିବେ ।[୭]


୧. ଓଶୋ ଟାଇମସ୍ (ହିନ୍ଦୀ), ୧୯୯୮
୨. ହିନ୍ଦୀ ସାହିତ୍ୟ କା ଇତିହାସ - ଡ଼. ନଗେନ୍ଦ୍ର ସମ୍ପାଦିତ ।
୩. ଓଶୋ ଟାଇମସ୍, (ହିନ୍ଦୀ) ଜୁନ୍ ୧୯୯୮ ।
୪. ରସକଲ୍ଲୋଳ - ଦୀନକୃଷ୍ଣ ଦାସ
୫. ହେତୁ ଉଦୟ ଭାଗବତ - ଶିଶୁ ଅନନ୍ତ
୬. କବୀର ଗ୍ରନ୍ଥାବଳୀ - (ହିନ୍ଦୀ) ଶ୍ୟାମସୁନ୍ଦର ଦାସ ସମ୍ପାଦିତ ।
୭. ଭକ୍ତକବି ଜଗନ୍ନାଥ ଦାସ ଓ ସନ୍ଥ କବୀର, ଏକ ଅଧ୍ୟୟନ, କୋଣାର୍କ, ଏପ୍ରିଲ୍ ୧୯୯୨ ।


❐❐❐


**କାଳିକାଦେବୀ ସାହି**
**ପୁରୀ**